# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ଷଷ୍ଠ ଅଧିବେଶନ

## ଶନିବାର , ଫେବୃୟାରୀ ୨୭ , ୨୦୨୧

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

**ପ୍ରଶ୍ନ ସଂଖ୍ୟା - ୩୦**

**( ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି,ବିଜ୍ଞାନ ଓ କାରିଗରୀ,ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ,ସାଧାରଣ ଉଦ୍ୟୋଗ )**

### Tailoring Training ଦେବା ପାଇଁ ପଦକ୍ଷେପ

***୨୧୧ . ଶ୍ରୀ ଭୂପିନ୍ଦର ସିଂହ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- SHG Group ବାହାରେ ବେକାରୀ ଥିବା ଝିଅମାନଙ୍କୁ Tailoring Training ରେ କେଉଁ କେଉଁ ଜିଲ୍ଲାରେ ଦିଆଯାଉଛି, ଜିଲ୍ଲାୱାରୀ ଓ ବ୍ଲକୱାରୀ ତାଲିକା ଦେବେ କି ?

### Science Park ର ସଂଖ୍ୟା

***୨୧୨ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ମୋଟ କେତେ ଗୋଟି Science Park ଅଛି ଏବଂ ରାଜ୍ୟ ସରକାର କେତେ ଗୋଟି ନୂଆ Science Park ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏହାର ଜିଲ୍ଲାୱାରୀ ଗୋଟଏ ତାଲିକା ପ୍ରଦାନ କରିବେ କି, (ଖ) ବଲାଙ୍ଗିର ଜିଲ୍ଲାରେ ନୂଆ Science Park ଖୋଲିବା ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ନକରିବାର କାରଣ କଣ, ଏବଂ କେଉଁ ସମୟସୀମାରେ ରାଜ୍ୟ ସରକାର ବଲାଙ୍ଗିର ଜିଲ୍ଲାରେ ନୂଆ Science Park ପ୍ରତିଷ୍ଠା କରିବେ ?

### ହସ୍ତଶିଳ୍ପର ପ୍ରଚାର ପ୍ରସାର

***୨୧୩ . ଶ୍ରୀ ପ୍ରଫୁଲ୍ଲ ସାମଲ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ

କି :- କେଉଁ କେଉଁ ପ୍ରକାରର ହସ୍ତଶିଳ୍ପ ରାଜ୍ୟର କେଉଁ କେଉଁ ସ୍ଥାନରେ ହେଉଅଛି ଓ ଏଥିରେ କେତେ ଶିଳ୍ପୀ ନିୟୋଜିତ ହୋଇଛନ୍ତି ଓ ଉକ୍ତ ହସ୍ତଶିଳ୍ପର ପ୍ରଚାର ପ୍ରସାର ଓ ଭିତ୍ତିଭୂମିର ବିକାଶ ପାଇଁ ସରକାର କି କି ପ୍ରୋତ୍ସାହନ ଯୋଗାଇଛନ୍ତି; ବିଗତ ୩ ବର୍ଷରେ କେଉଁ ଜିଲ୍ଲାର କେଉଁ ସଂସ୍ଥାକୁ କେତେ ଟଙ୍କାର ଋଣ ରାଶି ପ୍ରଦାନ କରାଯାଇଅଛି ?

## ବୈଷୟିକ ଶିକ୍ଷା ଦ୍ୱାରା ନିଯୁକ୍ତି

***୨୧୪ . ଶ୍ରୀ ସୁରେଶ କୁମାର ରାଉତରାୟ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବୈଷୟିକ ଶିକ୍ଷା ଗ୍ରହଣ କରି ରାଜ୍ୟରେ ବେକାରୀ ପରିମାଣ ବଢିଚାଲିବା ସତ୍ୟ କି ; କୋଭିଡ କଟକଣା ସମୟରେ ବହୁତ ପିଲା ଚାକିରୀ ହରାଇଛନ୍ତି ; ବେକାରୀ ଦୂରିକରଣ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ; 2019-20 ଏବଂ 2020-21 ଶିକ୍ଷା ବର୍ଷରେ କେତେ ପିଲା ବୈଷୟିକ ଶିକ୍ଷା ପାଇଁ ନାମ ଲେଖାଇଛନ୍ତି ; ରାଜ୍ୟ ସରକାର ଦୀର୍ଘ 10 ବର୍ଷ ମଧ୍ୟରେ କେତେ ପିଲାଙ୍କୁ ନିଯୁକ୍ତିର ବ୍ୟବସ୍ଥା କରିଛନ୍ତି ; ସମସ୍ତ ବିଷୟରେ ବିବୃତି ରଖିବେ କି?

## ଯୋଗ୍ୟ ହିତାଧିକାରୀଙ୍କୁ ପେନସନ୍ ପ୍ରଦାନ

***୨୧୫ . ଶ୍ରୀ ମୁକେଶ ମହାଲିଙ୍ଗ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ବଲାଙ୍ଗିର ଜିଲ୍ଲାର ଲୋୟର ସୁକତେଲ ପ୍ରକଳ୍ପ ପାଇଁ ପ୍ରଭାବିତ ଅଞ୍ଚଳର ସାମାଜିକ ସୁରକ୍ଷା ପେନସନ ର ବିଭିନ୍ନ ବର୍ଗରେ କେତେ ଜଣ ଦରଖାସ୍ତକାରୀ ଯୋଗ୍ୟ ବିବେଚିତ ହୋଇ ପେନସନ୍ ପାଇବାକୁ ଅପେକ୍ଷା କରିଛନ୍ତି ଓ କେତେଜଣ ଅଯୋଗ୍ୟ ଘୋଷିତ ହୋଇଛନ୍ତି କାରଣ ସହ ସମସ୍ତ ଦରଖାସ୍ତକାରୀଙ୍କ ଗ୍ରାମୱାରୀ ବୟସ କ୍ରମରେ ତାଲିକା ଦେବେ କି, (ଖ) ଯୋଗ୍ୟ ବିବେଚିତ ଅପେକ୍ଷାରତ ଦରଖାସ୍ତକାରୀ କେତେ ତାରିଖ ସୁଦ୍ଧା ପେନସନ୍ ପାଇବେ ସ୍ପଷ୍ଟୀକରଣ ଦେବେ କି ?

## ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିମାଣ

***୨୧୬ . ଶ୍ରୀ ନବ ଚରଣ ମାଝି :** ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କାର୍ଯ୍ୟକ୍ଷମ ନଥିବା ଏବଂ ସମ୍ପୂର୍ଣ୍ଣ ଅଚଳ ତଥା ବନ୍ଦ ହୋଇଯାଇଥିବା କେଉଁ କେଉଁ ଉଦ୍ୟୋଗର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିମାଣ ଓ ମୂଲ୍ୟର ଏକ ବିବରଣୀ ପ୍ରଦାନ କରିବେ କି, ବନ୍ଦ ହୋଇଯାଇଥିବା ଉଦ୍ୟୋଗରେ ଅବସ୍ଥାପିତ କର୍ମଚାରୀଙ୍କ ଦରମା ଭତ୍ତା ଓ ଜଗାରଖା/ସୁରକ୍ଷା ନିମନ୍ତେ କେଉଁ ଉଦ୍ୟୋଗର ନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ

କରାଯାଉଛି, ଦୀର୍ଘବର୍ଷରୁ ଅଚଳ ହୋଇଥିବା ଉଦ୍ୟୋଗ ମଧ୍ୟରୁ କେଉଁ ଉଦ୍ୟୋଗକୁ ପୁନଃଉଦ୍ଧାର କରାଯିବ ଓ କେଉଁ ଉଦ୍ୟୋଗକୁ ବିକ୍ରି କରି ଦିଆଯିବ ସେଥିପାଇଁ କି କି ପ୍ରସ୍ତୁତ କେଉଁ ପର୍ଯ୍ୟାୟରେ ରହିଛି ତାହା ଜଣାଇବେ କି ?

**ମହିଳାଙ୍କ ଅର୍ଥ ନୈତିକ ବିକାଶ**

***୨୧୭ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଅଦ୍ୟାବଧି କେତେ ଗୋଟି WSHG ଓ SHG Federation ମିଶନ ଶକ୍ତି ଯୋଜନାରେ ଗଠନ କରାଯାଇ କେତେ ଜଣ ମହିଳାଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି; ଉକ୍ତ SHG ଗୁଡ଼ିକର ଅର୍ଥନୈତିକ ବିକାଶ ଓ ସେମାନଙ୍କୁ ସ୍ୱବଲମ୍ବୀ କରିବା ପାଇଁ କି କି ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଅଛି ?

**ବସ୍ତୁ ବିଜ୍ଞାନର ଗବେଷଣା କାର୍ଯ୍ୟ**

***୨୧୮ . ଶ୍ରୀ ସୁଧୀର କୁମାର ସାମଲ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ତରଫରୁ ବିଗତ ତିନି ବର୍ଷରେ କି କି ଉଲ୍ଲେଖନୀୟ ଗବେଷଣା କରାଯାଇଛି ?

**ସମ୍ବଲପୁରୀ ବସ୍ତ୍ରର ଦେଶ ଓ ବିଦେଶରେ ଚାହିଦା**

***୨୧୯ . ଶ୍ରୀ ଅଶ୍ୱିନୀ କୁମାର ପାତ୍ର :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ସମ୍ବଲପୁରୀ ବସ୍ତ୍ର ପରି କେଉଁଠାରେ ଏହି ପ୍ରକାର ବସ୍ତ୍ର ବୁଣାକାର ବୁଣୁଛନ୍ତି ; ସମ୍ବଲପୁରୀ ବସ୍ତ୍ର ଦେଶ, ବିଦେଶରେ ବିଶେଷ ଭାବରେ ଆଦୃତ ହେଉଥିବାରୁ ବୁଣାକାରମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବା ପାଇଁ ସରକାରଙ୍କ ବ୍ୟବସ୍ଥା କଣ ; ଏ ଦିଗରେ କେଉଁ ବୁଣାକାର ପ୍ରତିଷ୍ଠାନ କିମ୍ବା ବୁଣାକାର ସମିତିରୁ ସରକାର କେତେ ରାଜସ୍ୱ ପାଉଛନ୍ତି 2014 ରୁ ବର୍ଷୱାରୀ ଏ ପର୍ଯ୍ୟନ୍ତ ତାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି?

**ନୂତନ ଡିପ୍ଲୋମା ପାଠ୍ୟକ୍ରମ ପ୍ରଚଳନ ପାଇଁ ପଦକ୍ଷେପ**

***୨୨୦ . ଶ୍ରୀ ସୁଧାଂଶୁ ଶେଖର ପରିଡା :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବାଲେଶ୍ୱର ଜିଲ୍ଲାର ରେମୁଣା ସ୍ଥିତ ସରକାରୀ ପଲିଟେକନିକରେ ସିଭିଲ, ଇଲେକ୍ଟ୍ରିକାଲ, ଇଲେକଟ୍ରୋନିକ୍ସ ଏଣ୍ଡ ଟେଲିକମ୍ୟୁନିକେସନ, ମେକାନିକାଲ ପ୍ରଭୃତି ବିଭାଗରେ ଛାତ୍ରଛାତ୍ରୀମାନଙ୍କର ଆକର୍ଷଣ କମି ଯାଉଥିବାରୁ ଏଠାରେ (୧) ଫୁଡ୍ ପ୍ରସେସିଂ ଏଣ୍ଡ

ଟେକନୋଲୋଜି (୨) ଏଗ୍ରିକଲଚରାଲ ଇଂଜିନିୟରିଂ (୩) ପ୍ଲାଷ୍ଟିକ୍ ଇଂଜିନିୟରିଂ (୪) ଆର୍ଟ ଏଣ୍ଡ କ୍ରାଫ୍ଟ ଇଂଜିନିୟରିଂ (୫) ଅଟୋମୋବାଇଲ ଇଂଜିନିୟରିଂ (୬) ଏରୋନ୍ୟୁଟିକାଲ ଇଂଜିନିୟରିଂ (୭) ଏରୋସ୍ପେଶ୍ ଇଂଜିନିୟରିଂ (୮) ଟେକ୍ସଟାଇଲ ଇଂଜିନିୟରିଂ (୯) ଡାଇରି ଟେକ୍ନୋଲୋଜି (୧୦) ମେଟ୍ରୋଲୋଜି (୧୧) ଇଣ୍ଟେରିୟର ଡେକୋରେସନ ପ୍ରଭୃତି ବିଭାଗରେ ଡିପ୍ଲୋମା ଶିକ୍ଷା ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

## ଆଶ୍ରୟ କେନ୍ଦ୍ର ଖୋଲିବାକୁ ପଦକ୍ଷେପ

***୨୨୧ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ଏବେ ଭିନ୍ନକ୍ଷମଙ୍କ ସଂଖ୍ୟାକେତେ, ତନ୍ମଧ୍ୟରେ 60 ବର୍ଷ ଅତିକ୍ରମ କରିଥିବା ବୃଦ୍ଧ ବୃଦ୍ଧାଙ୍କ ସଂଖ୍ୟା କେତେ, ସେମାନଙ୍କୁ କି ପ୍ରକାର ସହାୟତା ଦିଆଯାଉଛି, କେନ୍ଦ୍ର ସରକାର ସହାୟତାର ହାତ ବଢେଇଛନ୍ତିକି, ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବ୍ଲକରେ ଭିନ୍ନକ୍ଷମ(ବୃଦ୍ଧ ବୃଦ୍ଧା) ଆଶ୍ରୟ କେନ୍ଦ୍ର ଖୋଲାଯିବକି?

## ସରକାରୀ ଉଦ୍ୟୋଗର କାର୍ଯ୍ୟ

***୨୨୨ . ଶ୍ରୀ ନାଉରୀ ନାୟକ :** ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ସରକାରୀ ଉଦ୍ୟୋଗ ବିଭାଗର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ କେଉଁ ଲକ୍ଷ୍ୟକୁ ନେଇ କାର୍ଯ୍ୟ କରୁଛି; ଏହାର କାର୍ଯ୍ୟ ପରିସର ଓ କ୍ଷମତା କ'ଣ ନିର୍ଦ୍ଧାରଣ କରାଯାଇଛି ତାହା ଜଣାଇବେ କି ? (ଖ) ରାଜ୍ୟରେ ପ୍ରତିଷ୍ଠିତ କେଉଁ କେଉଁ ସରକାରୀ ଉଦ୍ୟୋଗ ନିମନ୍ତେ ବାର୍ଷିକ ବଜେଟ୍, ଆକ୍ସନ ପ୍ଲାନ୍, ବିଭିନ୍ନ କାର୍ଯ୍ୟର ମୂଲ୍ୟାୟନ ଏବଂ ଅଭିବୃଦ୍ଧି, ଲାଭ ଓ କ୍ଷତି ସମ୍ପର୍କୀତ ସମୀକ୍ଷା ବିଭାଗ ଦ୍ୱାରା କରାଯାଇଥାଏ କି; ଯଦି କରାଯାଉ ନାହିଁ କେଉଁ କେଉଁ କାରଣରୁ କରାଯାଇନାହିଁ; ଯଦି କରାଯାଇଛି ତେବେ ଏଥିପାଇଁ ବିଭାଗରେ କେଉଁ କେଉଁ ପଦବୀ ଅବସ୍ଥାପିତ କେଉଁ କେଉଁ ବିଶେଷଜ୍ଞଙ୍କ ଦ୍ୱାରା କି କି କାର୍ଯ୍ୟ (ମୂଲ୍ୟାୟନ, ସମୀକ୍ଷା, ଅଭିବୃଦ୍ଧି ଯୋଜନା ଠାରୁ ଆରମ୍ଭ କରି ପୁନଃଉଦ୍ଧାର ପର୍ଯ୍ୟନ୍ତ ଯୋଜନା) କରାଯାଉଛି ସେ ସମ୍ପର୍କୀତ ବିବରଣୀ ପ୍ରଦାନ କରିବେ କି ?

## ମହିଳା ହଷ୍ଟେଲକୁ ପଞ୍ଜିକୃତ କରିବାକୁ ପଦକ୍ଷେପ

***୨୨୩ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ସରକାରୀ ଓ ଘରୋଇ ଉଦ୍ୟମରେ ପ୍ରତିଷ୍ଠିତ ମହିଳା ହଷ୍ଟେଲ ମାନଙ୍କୁ ପଞ୍ଜିକୃତ କରିବା ସହ ସେଠାରେ ରହୁଥିବା ଅନ୍ତେବାସୀଙ୍କ ତାଲିକା ସ୍ଥାନୀୟ CDPO ଙ୍କୁ

ପ୍ରଦାନ ସହ ଏହାର ନିୟମିତ ସ୍ଥିତି ଯାଞ୍ଚ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କଣ ପଦକ୍ଷେପ ଗ୍ରହଣ କରାଯାଉଛି ?

**ବିଜ୍ଞାନକୁ ଲୋକପ୍ରିୟ କରିବାକୁ ପଦକ୍ଷେପ**

***୨୨୪ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବାକୁ କେଉଁ ବ୍ୟବସାୟିକ ସଂସ୍ଥା ବିଗତ ତିନିବର୍ଷରେ କେତେ ସହଯୋଗ ରାଶି ପ୍ରାଦନ କରିଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

**ହସ୍ତଶିଳ୍ପ କାରୀଗର ମାନଙ୍କୁ Pension ଯୋଜନା ଲାଗୁ**

***୨୨୫ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡ଼ିଶା ସରକାର ବୟନଶିଳ୍ପ, ହସ୍ତତନ୍ତ ଓ କୁଟୀର ଶିଳ୍ପ କାରିଗରଙ୍କ ହିତ ନିମନ୍ତେ Pension ଯୋଜନା ଲାଗୁ କରିଛନ୍ତି କି, ଯଦି କରିଛନ୍ତି ତେବେ ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀରେ କେତେ ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି ଓ ସେମାନଙ୍କୁ ମାସିକ କେତେ ଟଙ୍କା ପେନସନ୍ ମିଳୁଛି ତାହାର ଏକ ବ୍ଳକୱାରୀ ତାଲିକା ପ୍ରଦାନ କରିବେ କି, ଯେଉଁମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରି ନାହାନ୍ତି ସେମାନଙ୍କୁ କେବେ ସୁଦ୍ଧା ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଜଣାଇବେ କି ?

**ଦକ୍ଷତା ବିକାଶ ପାଇଁ ତାଲିମ କେନ୍ଦ୍ର**

***୨୨୬ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନବରଙ୍ଗପୁର ଜିଲ୍ଲାରେ ଦକ୍ଷତା ବିକାଶ ପାଇଁ କେଉଁ କେଉଁ ତାଲିମ କେନ୍ଦ୍ର କାମ କରୁଅଛି ଏବଂ ତାଲିମ କେନ୍ଦ୍ର ଗୁଡାକ କେଉଁ ସବୁ ଜାଗାରେ ରହିଛି ଏହାର ବ୍ଳକୱାରୀ ରିପୋର୍ଟ ପ୍ରଦାନ କରିବେ କି; କେଉଁ ତାଲିମ କେନ୍ଦ୍ରମାନଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା କେତେଜଣ ତାଲିମ ପାଇଛନ୍ତି, ତାଲିମ ପ୍ରାପ୍ତମାନଙ୍କ ପାଇଁ ସରକାର କ'ଣ ସବୁ ଯୋଜନା କରିଅଛନ୍ତି, ଯଦି କରିନାହାନ୍ତି ତେବେ ସେମାନଙ୍କ ନିଯୁକ୍ତି ପାଇଁ ସରକାର ବ୍ୟବସ୍ଥା କରିବେ କି ?

**ଭିନ୍ନକ୍ଷମଙ୍କୁ ସହାୟତା ପ୍ରଦାନ**

***୨୨୭ . ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ଶ୍ରବଣ ବାଧିତ, ଦୃଷ୍ଟି ବାଧିତ ମାନସିକ ଅନଗ୍ରସର ଓ ସ୍ନାୟୁବିକ ଦୁର୍ବଳତା ବର୍ଗର ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ସ୍ତରରୁ ସ୍ନାତକ ଓ

ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ, ଛାତ୍ରାବାସରେ ରହିବା ଓ ମାସିକ କେତେ ବୃତ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବଧ ହେଉଛି; (ଖ) 2019 - 20 ଓ 2020 - 21 ରେ ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା କେତେ ପ୍ରତିବର୍ଷ ଏମାନଙ୍କୁ ଚିହ୍ନଟ ପାଇଁ ସରକାରୀ ସ୍ତରରେ କି ପ୍ରକାର ପଦକ୍ଷେପ ନିଆଯାଉଛି ?

## ରୁଗଣ ବା ବନ୍ଦ ହୋଇଥିବା ଶିଳ୍ପ

***୨୨୮ . ଶ୍ରୀ ଅମର ପ୍ରସାଦ ଶତପଥୀ :** ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ସାଧାରଣ ଉଦ୍ୟୋଗ ଅଧିନରେ ରାଜ୍ୟର କେତୋଟି ଶିଳ୍ପ ରୁଗୁଣ ଅଥବା ବନ୍ଦ ହୋଇ ପଡ଼ିଅଛି ଓ କେତେ ସଂଖ୍ୟକ ଶ୍ରମିକ ଓ କର୍ମଚାରୀ ଏହାଦ୍ୱାରା କର୍ମଚ୍ୟୁତ ହୋଇଅଛନ୍ତି, (ଖ) ଶିଳ୍ପାୟନ ପ୍ରକ୍ରିୟାରେ ଏହି ଭଳି ଶିଳ୍ପର ପୁନଉଦ୍ଧାର କରି କାର୍ଯ୍ୟକ୍ଷମ କରି ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

## ଶିଶୁ ବିକାଶ ପାଇଁ ପଦକ୍ଷେପ

***୨୨୯ . ଶ୍ରୀ ଭବାନୀ ଶଙ୍କର ଭୋଇ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାସ୍ତା କଡ଼ରେ ଛୋଟ ଛୋଟ ଛୁଆ ଚିରା ପ୍ୟାଣ୍ଟ ସାର୍ଟ ପିନ୍ଧି, ଲଙ୍ଗଳା ହୋଇ ବୁଲୁଛନ୍ତି , ଭିକ୍ଷା ମାଗୁଛନ୍ତି ଷ୍ଟେସନ ଓ ବସଷ୍ଟାଣ୍ଡ ମାନଙ୍କରେ ଶୋଉଛନ୍ତି, ଓ ଡଷ୍ଟବିନର ଜରି ଟିଣ ଡ଼ବା ଗୋଟାଉଛନ୍ତି, ଟ୍ରେନରେ,ପାର୍କରେ, ସମୁଦ୍ର କୂଳରେ ମନ୍ଦିର ପାଖରେ ହାଟରେ ବାଟରେ ସବୁଆଡ଼େ ଭିକ୍ଷା ବୃତ୍ତି କରୁଛନ୍ତି, ଫୁଟପାଥରେ ଖେଳୁଛନ୍ତି ଏମାନଙ୍କ ଭବିଷ୍ୟତ କଥା ସରକାର କିଛି ଚିନ୍ତା କରୁଛନ୍ତି କି ; ଏମାନଙ୍କ ଭବିଷ୍ୟତ ବିପଥଗାମୀ ହେଲେ ଦେଶ ତଥା ରାଜ୍ୟର ଭବିଷୟତ ଅନ୍ଧାର ହୋଇଯିବ ବୋଲି ସରକାର ବିଚାର କରିବେ କି; ଓଡ଼ିଶାର ସବୁ ଜିଲ୍ଲାରେ ଏହିଭଳିଭାବେ ବହୁତ ଶିଶୁ ପାଠ ପଢ଼ା ଛାଡ଼ି ଘରଦ୍ୱାର କିଛି ନଜାଣି ନବୁଝି ବାସ କରୁଥିବାବେଳେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଶିଶୁ କମିଶନ, ଶିଶୁ ଯତ୍ନ କେନ୍ଦ୍ର, ଶିଶୁ ସୁରକ୍ଷା ଅଧିକାରୀ କରୁଛନ୍ତି କଣ; ସରକାର ଶିଶୁମାନଙ୍କ ଭବିଷ୍ୟତ କଥା ଚିନ୍ତା କରିବେ କି ?

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

***୨୩୦ . ଶ୍ରୀ ମୌଷଧି ବାଗ୍ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## କ୍ଷତିଗ୍ରସ୍ତର ଆକଳନ

***୨୩୧ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କରୋନା ସଂକ୍ରମଣ ଜନିତ ଅଚଳାବସ୍ଥା ଯୋଗୁଁ ରାଜ୍ୟର ଗ୍ରାମ୍ୟ ଶିଳ୍ପୀ ଓ କାରିଗରମାନଙ୍କ ଜୀବିକା ଓ ଅର୍ଥନୀତି କେତେ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି, ସରକାର ଆକଳନ କରୁଛନ୍ତି କି, ଯଦି ହଁ, ତେବେ ସେମାନଙ୍କୁ ଦୁର୍ଦ୍ଦିନରୁ ମୁକ୍ତ କରିବା ଲାଗି ସରକାରଙ୍କ ସ୍ୱତନ୍ତ୍ର ସହାୟତା କଣ ସବିଶେଷ ତଥ୍ୟ ଦେବେ କି ?

## ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ସଂଖ୍ୟା

***୨୩୨ . ଶ୍ରୀ ମୋହନ ଚରଣ ମାଝୀ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ସ୍ତରରେ କି କି ପ୍ରକାରର କେତେ ସଂଖ୍ୟକ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନ ରହିଛି ଏବଂ ସେଥିରେ 2020-21 ଶିକ୍ଷାବର୍ଷରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ କେତେ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକଙ୍କ ପଦବୀ ମଧ୍ୟରୁ ସ୍ଥାୟୀ/ ନିୟମିତଙ୍କ ସଂଖ୍ୟା କେତେ ଥିବା ସ୍ଥଳେ କେତେ ପଦବୀ ଅସ୍ଥାୟୀ ତଥା ଠିକାଭିତ୍ତିରେ ନିୟୋଜିତ ହୋଇଛନ୍ତି ; (ଖ) କେଉଁ ସ୍ତରରେ ଓ କି ପ୍ରକାରର ବୈଷୟିକ ଶିକ୍ଷାନୁଷ୍ଠାନରେ ଖାଲିଥିବା କେତେ ପଦବୀ ମଧ୍ୟରୁ ଚଳିତ ବର୍ଷ କେତେ ପଦବୀ ଠିକା ଭିତ୍ତିରେ ଓ ନିୟମିତ ଆଧାରରେ ପୂରଣ କରାଯିବ, ସେଥିପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ?

## ସରକାରୀ ସଂସ୍ଥାର ସଂଖ୍ୟା

***୨୩୩ . ଶ୍ରୀ ଲକ୍ଷ୍ମଣ ମୁଣ୍ଡା :** ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ମୋଟ କେତେଗୋଟି ସରକାରୀ ସଂସ୍ଥା (Public Sector) ଅଛି, କେତେଗୋଟି ଲାଭରେ ଚାଲିଛି, କ୍ଷତି ହୋଇଥିବା ୟୁନିଟ୍ ଲାଭ ପାଇଁ କ'ଣ ପଦକ୍ଷେପ ନିଆଯାଉଛି ; (ଖ) କ୍ଷତିରେ ଚାଲିଥିବା ୟୁନିଟ୍ କେତେବର୍ଷରୁ ଚାଲିଛି, କେତୋଟି ୟୁନିଟ୍ 10 ବର୍ଷ ମଧ୍ୟରେ ବନ୍ଦ ହୋଇଛି ?

## ମହିଳାଙ୍କ ସୁରକ୍ଷା ଓ ବିକାଶ

***୨୩୪ . ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ ମହିଳାଙ୍କ ସୁରକ୍ଷା ଓ ବିକାଶ ପାଇଁ ପ୍ରଣୀତ ଆଇନ୍ ଓ ସବୁ ଯୋଜନା ରାଜଧାନୀ ଠାରୁ ନେଇ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଠିକ୍ ରୂପାୟନ ସକାଶେ

ସମ୍ପୃକ୍ତ ଅଧିକାରୀମାନଙ୍କୁ କ'ଣ ନିର୍ଦ୍ଦେଶ ଦିଆଯାଇଛି ଓ କେମିତି କାର୍ଯ୍ୟକାରୀ ହେଉଛି; ମହିଳାଙ୍କ ସଶକ୍ତିକରଣ ଓ ଅର୍ଥନୈତିକ ପ୍ରଗତି ପାଇଁ ଯୋଜନା ଗୁଡିକର ସଫଳ ରୂପାୟନ ବିଷୟରେ ସରକାର ଅବଗତ କରାଇବେ କି; ବିଶେଷ କରି ଅସହାୟ ମହିଳାଙ୍କ ରହଣୀ, ସୁରକ୍ଷା, ସ୍ୱାବଲମ୍ବୀ ଓ ସ୍ୱରୋଜଗାର ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କ'ଣ ଅଛି ?

### Science Park ପ୍ରତିଷ୍ଠା

***୨୩୫ . ଶ୍ରୀ ସୌଭିକ୍ ବିଶ୍ୱାଳ :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ନୂଆପାଟଣାଠାରେ ( ନାଚୁଣୀପାଟ) Science Park ପ୍ରତିଷ୍ଠା ପାଇଁ ପ୍ରସ୍ତାବଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

### ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ତାଲିକା

***୨୩୬ . ଶ୍ରୀ ମନୋହର ରନଧାରୀ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତୋଟି ସ୍ଥାନରେ ଏହି ବିଭାଗଦ୍ୱାରା କେଉଁ କେଉଁକାର୍ଯ୍ୟ କରାଯାଇଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେକି, ଏହି ବିଭାଗଦ୍ୱାରା କେତେଜଣ employment ପାଉଛନ୍ତି ତାହାର ତାଲିକା Itemwise ପ୍ରଦାନ କରିବେକି?

### ଶ୍ରମିକଙ୍କୁ ଦକ୍ଷତା ବିକାଶ ତାଲିମ୍

***୨୩୭ . ଶ୍ରୀ ମହମ୍ମଦ ମୋକ୍ୟୁମ :** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କରୋନା ସମୟରେ ବାହାର ରାଜ୍ୟରୁ ଫେରିଆସିଥିବା ଦାଦନ ଶ୍ରମିକମାନଙ୍କ ମଧ୍ୟରୁ କେତେ ଶ୍ରମିକଙ୍କୁ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରାଯାଇଛି ?

### ଉଦ୍ୟୋଗମାନଙ୍କ Health Camp ଆୟୋଜନ

***୨୩୮ . ଶ୍ରୀ ଭୂପିନ୍ଦର ସିଂହ :** ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ କେଉଁ କେଉଁ ସରକାରୀ ଉଦ୍ୟୋଗ ବିଗତ 3 ବର୍ଷ ଲଗାତାର ଲାଭରେ ଅଛନ୍ତି, (ଖ) ଏମାନଙ୍କ ଭିତରୁ କେଉଁ କେଉଁ ଉଦ୍ୟୋଗ କ୍ରୀଡା କ୍ଷେତ୍ରରେ ଓ କେଉଁ କେଉଁ ଉଦ୍ୟୋଗ Health Camp ମାଧ୍ୟମରେ ରାଜ୍ୟର କେଉଁ କେଉଁଠାରେ ଅନୁଷ୍ଠିତ କରିଛନ୍ତି ଜଣାଇବେ କି ?

### ଅନଲାଇନ ରେ Apply କରିଥିବା ହିତାଧିକାରୀ

***୨୩୯ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ ମୋଟ କେତେ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା,

ବିଧବା ଭତ୍ତା ଏବଂ ଦିବ୍ୟାଙ୍ଗ ଭତ୍ତା ପାଇଁ ବିଭିନ୍ନ ଯୋଜନା ରେ ଅନ ଲାଇନରେ Apply କରିଛନ୍ତି ଏହାର ବ୍ଲକ ନାମ ସହ ପଞ୍ଚାୟତ ୱାରି ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ରାଜ୍ୟରେ ଦାଦନ ପ୍ରବଣ 20 ଗୋଟି ବ୍ଲକର ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଦିବ୍ୟାଙ୍ଗ ବିଭିନ୍ନ ଯୋଜନାରେ ଭତ୍ତା ପାଇଁ ଅନ ଲାଇନରେ Apply କରିଥିବା ହିତାଧିକାରୀମାନଙ୍କୁ ପ୍ରଥମ ପ୍ରାଥମିକତା ଦେବେ କି , ଏବଂ କେଉଁ ସମୟସୀମା ଭିତରେ ଏହି ସମସ୍ତ ଦାଦନ ପ୍ରବଣ 20 ବ୍ଲକର ହିତାଧିକାରୀମାନେ ଭତ୍ତା ପାଇବେ ?

## ନୂତନ Hostel ନିର୍ମାଣ

***୨୪୦ . ଶ୍ରୀ ପ୍ରଫୁଲ୍ଲ ସାମଲ :** ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କର୍ମଜୀବି ମହିଳାମାନଙ୍କ ରହିବା ପାଇଁ ରାଜ୍ୟରେ କେତୋଟି କେଉଁ କେଉଁଠାରେ women Hostel ଅଛି ; ଏଠାରେ କେତେ ଅନ୍ତେବାସୀ ରହୁଛନ୍ତି; ଉକ୍ତ Hostelରେ କି କି ସୁବିଧା ପ୍ରଦାନ କରାଯାଇଛି; Hostelରେ ରହିବା ପାଇଁ କି କି fees ଧାର୍ଯ୍ୟ କରାଯାଇଛି ; ସେମାନଙ୍କର ସୁରକ୍ଷା ପ୍ରତି କିପରି ଧ୍ୟାନ ଦିଆଯାଇଛି, ନୂତନ Hostel ନିର୍ମାଣର ପ୍ରସ୍ତାବ ଅଛି କି ?

**Designed By National Informatics Centre, Odisha.**